# ମୁଦ୍ରଣ ଶିଳ୍ପର ଇତିହାସ

- ୩୦୦୦ ଖ୍ରୀଷ୍ଟ ପୂର୍ବ ... ବେବିଲୋନିଆରେ କଳା ମାଟି ନିର୍ମିତ ଛାଞ୍ଚ ଦ୍ୱାରା ମୁଦ୍ରଣର ଆରମ୍ଭ
- ୨୩୦୦ ଖ୍ରୀଷ୍ଟ ପୂର୍ବ ... ଇଜିପ୍ଟର ନୀଳ ନଦିର ଅବବାହିକାରେ ଦେଖାଯାଉଥିବା ପାପିରସ ଘାସର ମୁଦ୍ରଣ ପାଇଁ ବ୍ୟବହାର
- ୧୪୩୦ ଖ୍ରୀଷ୍ଟାବ୍ଦ ... ଜର୍ମାନୀରେ କାଠ ଖୋଦିତ ଅକ୍ଷର ଏବଂ କାରୁକାର୍ଯ୍ୟରୁ ଖୋଦେଇ ମୁଦ୍ରଣ ପଦ୍ଧତିର ପ୍ରଚଳନ
- ୧୪୩୯ ଖ୍ରୀଷ୍ଟାବ୍ଦ ... ଜର୍ମାନୀର ଜୋହାନେସ୍ ଗୁଟେନ୍‌ବର୍ଗଙ୍କ ଦ୍ୱାରା ଅପସାରଣୀୟ ମୁଦ୍ରାକ୍ଷର ତିଆରି ପାଇଁ ପରୀକ୍ଷା ଆରମ୍ଭ
- ୧୪୪୪ ଖ୍ରୀଷ୍ଟାବ୍ଦ ... ଜୋହାନେସ୍ ଗୁଟେନ୍‌ବର୍ଗଙ୍କ ଦ୍ୱାରା ଅପସାରଣୀୟ ମୁଦ୍ରାକ୍ଷରରୁ ୪୨ ଧାଡ଼ି ବିଶିଷ୍ଟ ଏକ ପୃଷ୍ଠା "ଦି ଜଜ୍‌ମେଣ୍ଟ୍ ଡ଼େ" ର ମୁଦ୍ରଣ ।
- ୧୪୫୫ ଖ୍ରୀଷ୍ଟାବ୍ଦ ଧାତୁ ନିର୍ମିତ ଢଳେଇ ମୁଦ୍ରାକ୍ଷର ପ୍ରଚଳନ
- ୧୪୭୬ ଖ୍ରୀଷ୍ଟାବ୍ଦ ... ଇଂଲଣ୍ଡରେ ଉଇଲିୟମ କ୍ୟାକଷ୍ଟନ୍‌ଙ୍କ ଦ୍ୱାରା ପ୍ରଥମ ମୁଦ୍ରଣାଳୟ "ଦି ରେଡ୍ ପଲ୍" ର ପ୍ରତିଷ୍ଠା
- ୧୫୫୬ ଖ୍ରୀଷ୍ଟାବ୍ଦ ... ଭାରତର ଗୋଆ ଠାରେ ପ୍ରଥମ ମୁଦ୍ରଣାଳୟର ଆରମ୍ଭ
- ୧୭୭୦ ଖ୍ରୀଷ୍ଟାବ୍ଦ ... ଏମ୍. ବି. ହଲାଣ୍ଡ ଏବଂ ଚାରର୍ଲିସ୍‌ଙ୍କ ଦ୍ୱାରା ପ୍ରଥମ ବଙ୍ଗଳା ଧାତୁ ନିର୍ମିତ ମୁଦ୍ରାକ୍ଷରର ଢଳେଇ
- ୧୭୭୮ ଖ୍ରୀଷ୍ଟାବ୍ଦ ... ହୁଗୁଳିରେ ପ୍ରଥମ ବଙ୍ଗଳା ପୁସ୍ତକ " ଦି ଗ୍ରାମାର ଅଫ୍ ବେଙ୍ଗଲ୍ ଲ୍ୟାଙ୍ଗୁଏଜ" ର ମୁଦ୍ରଣ
- ୧୭୯୬ ଖ୍ରୀଷ୍ଟାବ୍ଦ ... ଜର୍ମାନୀର ଆଲୋଏସ୍ ସେନିଫିଲ୍‌ଡରଙ୍କ ଦ୍ୱାରା ଚୂନ ପଥରରେ ଶିଳା ମୁଦ୍ରଣ ପଦ୍ଧତି (ଲିଥୋଗ୍ରାଫି ବା ସମତଳ ମୁଦ୍ରଣ) ର ଉଦ୍ଭାବନ ।
- ୧୭୯୯ ଖ୍ରୀଷ୍ଟାବ୍ଦ ... ଇଷ୍ଟ ଇଣ୍ଡିଆ କମ୍ପାନୀର ଉଇଲିୟମ କ୍ୟାରି ମୁଦ୍ରଣ ଶିଳ୍ପକୁ ସାରା ଭାରତରେ ବିସ୍ତାର କରିଥିଲେ
- ୧୮୦୦ ଖ୍ରୀଷ୍ଟାବ୍ଦ ... ଗୁଟେନ୍‌ବର୍ଗଙ୍କ ଦ୍ୱାରା ପ୍ରସାରିତ କାଠ ତିଆରି ଲେଟରପ୍ରେସ୍ ମୁଦ୍ରଣ ମେସିନ୍ ବଦଳରେ ଅର୍ଲଙ୍କ ଦ୍ୱାରା ତିଆରି ଲୁହା ମୁଦ୍ରଣ ମେସିନ୍ ର ପ୍ରଚଳନ ।
- ୧୮୦୫ ଖ୍ରୀଷ୍ଟାବ୍ଦ ... ଜେ. ପି. ଜର୍ଡନ ଲେଟରପ୍ରେସ୍ ପ୍ଲାଟେନ୍ ପଦ୍ଧତିର ଉଦ୍ଭାବନ କରିଥିଲେ
- ୧୮୦୭ ଖ୍ରୀଷ୍ଟାବ୍ଦ ... ଶୀରାମପୁର ମିସନ ପ୍ରେସ୍ ଦ୍ୱାରା ପ୍ରଥମ ଓଡ଼ିଆ ଲିପିର ମୁଦ୍ରଣ
- ୧୮୩୬ ଖ୍ରୀଷ୍ଟାବ୍ଦ ... ପ୍ରଥମ ଧାତୁ ନିର୍ମିତ ଓଡ଼ିଆ ଅକ୍ଷର/ଲିପିର ଢଳେଇ
- ୧୮୩୭ ଖ୍ରୀଷ୍ଟାବ୍ଦ ... ଓଡ଼ିଶାର ପ୍ରଥମ ମୁଦ୍ରଣାଳୟ "କଟକ ମିସନ ପ୍ରେସ୍"ର ସ୍ଥାପନା
- ୧୮୭୫ ଖ୍ରୀଷ୍ଟାବ୍ଦ ... ପରୋକ୍ଷ ବା ଅଫସେଟ୍ ମୁଦ୍ରଣ ପଦ୍ଧତିର ଆରମ୍ଭ
- ୧୯୦୭ ଖ୍ରୀଷ୍ଟାବ୍ଦ ... ଇଂଲଣ୍ଡର ସାମୁଏଲ ସିମ୍ପନ୍ ସ୍କ୍ରିନ୍ ମୁଦ୍ରଣର ଆରମ୍ଭ କରିଥିଲେ
- ୧୯୩୨ ଖ୍ରୀଷ୍ଟାବ୍ଦ ... ଉତ୍‌କୀର୍ଣ୍ଣକ ବା ଗ୍ରାଭିୟର ମୁଦ୍ରଣ ପଦ୍ଧତିର ପ୍ରଚଳନ
- ୧୯୫୧ ଖ୍ରୀଷ୍ଟାବ୍ଦ ... କାଳି ପ୍ରଧାର (ଇଂକ୍‌ଜେଟ୍) ମୁଦ୍ରଣର ପ୍ରଚଳନ
- ୧୯୬୦ ଖ୍ରୀଷ୍ଟାବ୍ଦ ... ଫଟୋ ପ୍ରତିଲିପି ପ୍ରଣାଳୀ ବା ଜେରକ୍ସ ଏବଂ ପି.ଟି.ଏସ୍. ର ପ୍ରଚଳନ
- ୧୯୮୫ ଖ୍ରୀଷ୍ଟାବ୍ଦ ... ଡି.ଟି.ପି. (ଡେସ୍କଟପ୍ ପବ୍ଲିକେସନ) ପଦ୍ଧତିର ପ୍ରଚଳନ
- ୧୯୯୦ ଖ୍ରୀଷ୍ଟାବ୍ଦ ... ସି.ଟି.ପି. (କମ୍ପ୍ୟୁଟର ଟୁ ପ୍ଲେଟ୍) ପଦ୍ଧତିର ଆରମ୍ଭ
- ୧୯୯୩ ଖ୍ରୀଷ୍ଟାବ୍ଦ ... ଡିଜିଟାଲ୍ ବିଜ୍ଞାନର ମୁଦ୍ରଣ ଶିଳ୍ପରେ ପ୍ରଭାବ ବିସ୍ତାର ଏବଂ ଡିଜିଟାଲ ମୁଦ୍ରଣର ଆରମ୍ଭ

# HISTORY OF PRINTING

- 3000 B.C. - Transfer of Image (Printing) started from Black-Clay models at Babylon.
- 2300 B.C. - Rolls of Papyrus found in the bank of Nile river used for printing in Egypt.
- 1430 A.D. - Concept of printing from engraved wooden blocks introduced in Germany.
- 1439 A.D. - Johannes Gutenberg of Germany started experimenting on movable types.
- 1444 A.D. - Johannes Gutenberg printed a sheet of 42 lines 'The Judgment Day' from movable types.
- 1455 A.D. - Metal movable types invented which resulted in rapid growth of printing in other countries.
- 1476 A.D. - William Caxton established a Printing Press "The Red Pall' at Westminsterer in England.
- 1556 A.D. - The first Printing Press in India was established at Goa.
- 1770 A.D. - First Bengali metal types were casted by two Englishmen N.B. Halland and Charles.
- 1778 A.D. - First Bengali Book "The Grammar of Bengal Language" printed at Hooghly.
- 1796 A.D. - Alois Senefelder invented Lithography (Planography Process of Printing) by experimenting on a Lime stone.
- 1799 A.D. - William Carey of East India Company spread out the printing technology throughout India.
- 1800 A.D. - Mr. Earl made an Iron Press to replace wooden press of Gutenberg.
- 1805 A.D. - G.P. Jordan invented the modern principle of Platen Machine.
- 1807 A.D. - First Odia Book printed by Serampore Mission Press.
- 1836 A.D. - First Odia metal printing types were casted.
- 1837 A.D. - First printing press of Odisha “Cuttack Mission Press” established.
- 1875 A.D. - Offset Printing Press started.
- 1907 A.D. - Stenciling or Screen Printing introduced by Samuel Simmon in England.
- 1932 A.D. - Gravure printing process to print from a engraved cylinder introduced.
- 1951 A.D. - Inkjet Printing process introduced
- 1960 A.D. - Xerography/photocopying and Photo-Type-Setting introduced.
- 1985 A.D. - Apple Macintosh introduced Desk-Top-Publishing (D.T.P.)
- 1990 A.D. - C.T.P. (Computer to Plate) Technology introduced.
- 1993 A.D. - Application of digital technology in Printing industries started and Digital Printer introduced.

# ଓଡ଼ିଆ ଲିପି ଓ ଭାଷାର ପ୍ରଚାର ଓ ପ୍ରସାରରେ ମୁଦ୍ରଣ ଶିଳ୍ପର ଭୂମିକା

**ଓଡ଼ିଶାରେ ମୁଦ୍ରଣ ଶିଳ୍ପର ଇତିହାସ ଏବଂ ପରମ୍ପରା ବହୁ ପ୍ରାଚୀନ ଓ ସମୃଦ୍ଧ ଯାହାର ଭୂମିକା ଓଡ଼ିଆ ଭାଷାର ପ୍ରଚାର ଏବଂ ପ୍ରସାର ନିମନ୍ତେ ଅତୁଳନୀୟ । ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଗାଥା ଓ କୀର୍ତ୍ତି ବିତରଣ କରିବା ସହିତ ଓଡ଼ିଆ ଭାଷା ଓ ଲିପିର ପ୍ରଚାର ଏବଂ ପ୍ରସାରରେ ଓଡ଼ିଶାର ମୁଦ୍ରଣ ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ହାତଖଞ୍ଜା ଅକ୍ଷରରୁ ଆରମ୍ଭ ହୋଇଥିବା ଓଡ଼ିଶାର ମୁଦ୍ରଣ ଶିଳ୍ପ ଏବେ କମ୍ପ୍ୟୁଟରୀକରଣ ମୁଦ୍ରଣ ଶିଳ୍ପରେ ପହଞ୍ଚିଛି । ଏହି ପୁରାତନ ମୁଦ୍ରଣ ଶିଳ୍ପକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୧୪ ମସିହାରେ ଓଡ଼ିଶା ମୁଦ୍ରଣ ସଂଗ୍ରହାଳୟର ସ୍ଥାପନ କରାଯାଇଛି । ଏହି ସଂଗ୍ରହାଳୟରେ ୫୦ଟି ପୁରାତନ ମୁଦ୍ରଣ ଯନ୍ତ୍ରପାତିକୁ ପ୍ରଦର୍ଶିତ କରାଯାଇଛି ଯେଉଁଥିରେ ଇଂରାଜୀ ଭାଷା ସହିତ ଓଡ଼ିଆ ଭାଷାରେ ମୁଦ୍ରଣ କରାଯାଉଥିଲା । ସଂଗ୍ରହାଳୟରେ ପ୍ରଦର୍ଶିତ ଯନ୍ତ୍ରପାତି ମୁଦ୍ରଣ ମଧ୍ୟରୁ ୧୯୧୩ ମସିହାରେ ଅବିଭାଜିତ ଓଡ଼ିଶା-ବିହାର ରାଜ୍ୟର ବଲାଙ୍ଗୀର(ପାଟନା ଷ୍ଟେଟ୍) ରାଜାଙ୍କ ଦ୍ୱାରା ବ୍ୟବହୃତ ମୁଦ୍ରଣ ଯନ୍ତ୍ର ଏବଂ ୧୯୩୪ରେ କେନ୍ଦୁଝର ରାଜାଙ୍କ ଦ୍ୱାରା ବ୍ୟବହୃତ ମୁଦ୍ରଣ ଯନ୍ତ୍ର ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି ।**

## ସଂକ୍ଷେପରେ ଓଡ଼ିଶା ମୁଦ୍ରଣ ଶିଳ୍ପର ବିକାଶ :-

- ୧୮୦୭ ଖ୍ରୀଷ୍ଟାବ୍ଦ - ଶ୍ରୀରାମପୁର ମିଶନ ପ୍ରେସ୍ ଦ୍ୱାରା, ପ୍ରଥମ ଓଡ଼ିଆ ଭାଷା ଲିପିର ମୁଦ୍ରଣ
- ୧୮୩୬ ଖ୍ରୀଷ୍ଟାବ୍ଦ - ପ୍ରଥମ ଧାତୁ ନିର୍ମିତ ଓଡ଼ିଆ ଅକ୍ଷର/ଲିପିର ଢଳେଇ
- ୧୮୩୭ ଖ୍ରୀଷ୍ଟାବ୍ଦ - ଓଡ଼ିଶାର ପ୍ରଥମ ମୁଦ୍ରଣାଳୟ "**କଟକ ମିଶନ ପ୍ରେସ୍**"ର ସ୍ଥାପନା
- ୧୮୬୫ ଖ୍ରୀଷ୍ଟାବ୍ଦ - କର୍ମବୀର ଗୌରି ଶଙ୍କର ରାୟଙ୍କର ବଳିଷ୍ଠ ନେତୃତ୍ୱରେ ପ୍ରଥମ ଓଡ଼ିଆ ମୁଦ୍ରଣାଳୟର "**କଟକ ପ୍ରିଣ୍ଟିଙ୍ଗ କମ୍ପାନୀ**" ର ସ୍ଥାପନା
- ୧୮୬୬ ଖ୍ରୀଷ୍ଟାବ୍ଦ - **ଉତ୍କଳ ଦୀପିକା** ନାମରେ ପ୍ରଥମ ଓଡ଼ିଆ ସାପ୍ତାହିକି ପତ୍ରିକାର ପ୍ରକାଶନ
- ୧୮୭୮ ଖ୍ରୀଷ୍ଟାବ୍ଦ - ପ୍ରଥମ ଓଡିଆ ଉପନ୍ୟାସ "**ସୌଦାମିନୀ**" କ୍ରମାନ୍ୱୟରେ ପ୍ରକାଶିତ
- ୧୮୮୮ ଖ୍ରୀଷ୍ଟାବ୍ଦ - ଶ୍ରୀ ଉମେଶ ଚନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଥମ ସମ୍ପୂର୍ଣ୍ଣ ଓଡିଆ ଉପନ୍ୟାସ "**ପଦ୍ମମାଳୀ**" ର ପ୍ରକାଶନ
- ୧୯୩୬ ଖ୍ରୀଷ୍ଟାବ୍ଦ - ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଓଡ଼ିଶା ସରକାରୀ ମୁଦ୍ରଣାଳୟର ସ୍ଥାପନା
- ୧୯୪୭-୪୮ ଖ୍ରୀଷ୍ଟାବ୍ଦ - ଗଡଜାତ ରାଜ୍ୟ ଦ୍ୱାରା ପରିଚାଳିତ ସମସ୍ତ ମୁଦ୍ରଣାଳୟ ଗୁଡ଼ିକର ଓଡ଼ିଶା ସରକାରୀ ମୁଦ୍ରଣାଳୟରେ ମିଶ୍ରଣ

# Role of Printing Industries in popularization and propagation of Odia Script and Language

The heritage and history of printing in Odisha is very old. Starting from pre-independence period, the printing industry has played a vital role to popularize and propagate the Odia language and script. Keeping equal pace with all other developing industries, the printing industry has also marched ahead starting from Hand-Composing Letter Press Printing to Digital printing. The Odisha Government Press has made an attempt to preserve these heritage/history of printing for the next generation by establishing "**Odisha Printing Museum**" where around 50 nos. of old and antique printing machines are displayed. The machines used by King of Bolangir during 1913 and King of Keonjhar during 1934 are the centre of attraction of Odisha Printing Museum.

**An overview on chronological development of Odia Printing Industry :-**

- 1807 A.D. - First Odia Book printed by Serampore Mission Press.
- 1836 A.D. - First Odia metal printing types were casted.
- 1837 A.D. - First Printing Press of Odisha "**Cuttack Mission Press**" established.
- 1865 A.D. - "**Cuttack Printing Company**" was established by locals of Odisha under the leadership of Shri Gouri Shankar Ray.
- 1866 A.D. - First weekly Odia Journal "**Utkal Deepika**" published.
- 1878 A.D. - First Odia Novel "**Soudamini**" published in a serial basis.
- 1888 A.D. - First complete Odia novel "**Padmamali**" published by Shri Umesh Chandra Sarkar.
- 1936 A.D. - Odisha Government Press established after formation of separate Odisha State.
- 1947- 48 A.D. - All the Printing Presses of provincial State Rulers merged with Odisha Government Press.

# ଜୋହାନେସ୍ ଗୁଟେନବର୍ଗ

## ମୁଦ୍ରଣ ଶିଳ୍ପର ଉଦ୍ଭାବକ

( ଖ୍ରୀଷ୍ଟାବ୍ଦ ୧୩୯୫ – ୧୪୬୮)



# JOHANNES GUTENBERG

**(THE FATHER OF PRINTING)**

**(1395 A.D. – 1468 A.D.)**

# ମୁଦ୍ରଣର ଶ୍ରେଣୀ ବିଭାଗ
## (CLASSIFICATION OF PRINTING)

